## ସାଇକେଲରୁ ପଡ଼ି ହୋମ୍‌ଗାର୍ଡଙ୍କ ମୃତ୍ୟୁ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ କେଶପଲା ଗ୍ରାମରେ ସାଇକେଲରୁ ପଡ଼ି ଜଣେ ହୋମ୍‌ଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରହରି ପୋଡ଼। ନର୍ଲା ଥାନାରେ ଗୁରୁବାର ରାତିରେ ହୋମ୍‌ଗାର୍ଡ କାର୍ଯ୍ୟ ସମ୍ପାଦନ କରି ଶୁକ୍ରବାର ସକାଳ କେଶପଲା ଗ୍ରାମକୁ ବାହାରିଥିଲେ। ଗାଁ ନିକଟରେ କୌଣସି କାରଣ ବଶତଃ ସାଇକେଲରୁ ପଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ନରହରିଙ୍କ ମୃତ୍ୟୁ ଖବର ଶୁଣିବା ପରେ କେଶପଲା ଗ୍ରାମ ତଥା ନର୍ଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସଂକ୍ଷେପରେ

## ନକଲି ସୁନା ବିକ୍ରି କରି ଧରାପଡ଼ିଥିବା ୨ କୋର୍ଟ ଚାଲାଣ

ଖଡ଼ିଆଳ,୯।୬(ଡି.ଏନ.ଏ.): ନୂଆପଡା ଜିଲାର ଖଡିଆଳ, ବୋଡ଼େନ ଓ ସିନାପାଲି ଅଞ୍ଚଳରେ ନକଲି ସୁନା ଲୋକଙ୍କୁ ଠକି ବିକ୍ରି କରୁଥିବା ୨ଜଣଙ୍କୁ ଗୁରୁବାର ଖଡିଆଳ ବସଷ୍ଟାଣ୍ଡଠାରେ ଲୋକେ ଧରି ଖଡିଆଳ ପୋଲିସରେ ଜିମା ଦେଇଥିଲେ। ଶୁକ୍ରବାର ସମ୍ପୃକ୍ତ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଛତିଶଗଡ଼ ଦୁର୍ଗ ଅଞ୍ଚଳର ମୋହନ ରୋଥୋଡ଼ (୪୪) ଓ ରୋଥୋଡ଼ (୩୩)। ଏହି ୨ ଠକ ନକଲି ମାଳି ଧରି ଲୋକଙ୍କ ନିକଟକୁ ଯାଇ ଠିକା ସଂସ୍ଥାର ଜେଶିବି ଗାଡ଼ି ଚାଳକ ପରିଚୟ ଦେଉଥିଲେ। କାର୍ଯ୍ୟ କରୁଥିବା ବେଳେ ମାଟି ତଳୁ ସୁନା ମାଳି ପାଇଥିବା କହି ଲୋକଙ୍କୁ ପ୍ରଲୋଭନ ଦେଖାଇ ଆସୁଥିଲେ। ସେମାନେ କିଛି ଅସଲି ସୁନା ଲୋକଙ୍କ ସମ୍ମୁଖରେ ପରୀକ୍ଷା କରି ନକଲି ଦେଇ ଟଙ୍କା ନେଇ ଫେରାର ହେଉଥିଲେ। ଖଡିଆଳ ଥାନା ଅନ୍ତର୍ଗତ ଚିଣ୍ଡାଗୁଡାରେ ଏକ ଦୋକାନ ଖୋଲିଥିବା ପର୍ଶୁରାମ ଦୁରିଆଙ୍କୁ ଗତ ୨୩ ତାରିଖରେ ଏକ ନକଲି ମାଳି ଦେଇ ୫ ଲକ୍ଷ ଟଙ୍କା ମଗୁଥିବା ବେଳେ କ୍ଷେଶରେ ୧ ଲକ୍ଷ ୨୦ ହଜାର ଟଙ୍କାରେ ଦେଇ ଚାଲି ଯାଇଥିଲେ। ଏହି ହାର ପର୍ଶୁରାମ ୨୪ ତାରିଖରେ ପରୀକ୍ଷା କରିବାକୁ ନେବା ପରେ ସେ ଠକେଇର ଶିକାର ହୋଇଥିବା ଜାଣି ପାରିଥିଲେ। ଏ ନେଇ ଖଡିଆଳ ଥାନାରେ ଅଭିଯୋଗ କରିଛନ୍ତି। ଅଞ୍ଚଳରେ ବହୁ ଲୋକଙ୍କୁ ଠକିଥିବା ଏହି ୨ଜଣଙ୍କୁ ଲୋକେ ଧରି ପୋଲିସର ଜିମା ଦେଇଛନ୍ତି। ଘଟଣାର ତଦନ୍ତ ଚାଲିଛି ବୋଲି ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

## ମାଲ ବୋଝେଇ ପିକ୍‌ଅପ୍‌ରୁ ଜରିମାନା ଆଦାୟ

କୋକସରା,୯।୬(ଡି.ଏନ.ଏ.): କଳାହାଣ୍ଡି ସିଟିଓ ନିଳାଦ୍ରୀ ବିହାରୀ ଦାଢ଼ିଆଙ୍କ ନେତୃତ୍ୱରେ ସିଟି ଓ ଜିଏସଟି ଏନ୍‌ଫୋର୍ସମେଣ୍ଟ ଟିମ ମୋବାଇଲ ପେଟ୍ରୋଲିଂ ସମୟରେ ବୁଧବାର ସନ୍ଧ୍ୟାରେ କୋକସରା ପେଟ୍ରୋଲ ପମ୍ପ ନିକଟରେ ସନ୍ଦେହରେ ଏକ ମାଲ ବୋଝେଇ ପିକ୍‌ଅପ୍ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡିରେ ସୋଲାର ଷ୍ଟ୍ରିଟ ଲାଇଟ ସାମଗ୍ରୀ ନେଇ ଯାଜପୁରରୁ ନବରଙ୍ଗପୁର ନେଇ ଯାଉଥିବା ଜଣାପଡିଥିଲା। ଉକ୍ତ ସାମଗ୍ରୀ ଜିଏସଟି ଅନ୍ତର୍ଭୁକ୍ତ ଥିବାବେଳେ ଜିଏସଟି ବିଲ ସମ୍ବନ୍ଧୀୟ କୌଣସି କାଗଜପତ୍ର ନ ଥିବା ଦର୍ଶାଇ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ମାଲ ପରିବହନ କରୁଥିବା ମନୋଜ ନାୟକଙ୍କଠାରୁ ୭୦,୦୨୬ ଟଙ୍କା ଜରିମାନା ଆଦାୟ କରାଯାଇଥିବା ନେଇ ସିଟିଓ ନୀଳାଦ୍ରି ବିହାରୀ ଦାଢିଆ ସୂଚନା ଦେଇଛନ୍ତି। ଏନଫୋର୍ସମେଣ୍ଟ ମୋବାଇଲ ଟିମରେ ପାରେଶ୍ୱର ସାହୁ, ହରେକୃଷ୍ଣ ସାହୁ, ନୈମିଶ ସାହୁ, ସୁଧାଂଶୁ ବେହେରା ସମେତ କୋକସରା ଥାନା କର୍ମଚାରୀ ସହଯୋଗ କରିଥିଲେ।

# ତେନ୍ତୁଳି ବିକ୍ରି କରି ଆତ୍ମନିର୍ଭରଶୀଳ

ନୂଆପଡ଼ା ଅଫିସ,୯।୬

- ଲାଭାନ୍ୱିତ ହେଉଛନ୍ତି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ
- ୨୭ଟି ଏସ୍‌ଏଚ୍‌ଜି, କ୍ରୟକାରୀ ସଂସ୍ଥା ନିୟୋଜିତ
- ଚଳିତବର୍ଷ ପ୍ରାୟ ୧୩ ହଜାର ୭୭୦ କୁଇଣ୍ଟାଲ କିଣା

ମାଓବାଦୀ ପ୍ରବଣ ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ୩୩ ଭାଗ ଲୋକ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଖୋଲା ବଜାରରେ ବିକ୍ରୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଲୋକେ ମହୁଲ, ଚାର, ଚାକୁଣ୍ଡା, ବଣ ତୁଳସି, ହରିଡା, ବାହାଡା, ଅଁଳା, ଟୋଳ, ଗିଣ୍ଡେଳ ଲସା, ତେନ୍ତୁଳି ଆଦି ଅନେକ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ଏହାର ମଣ୍ଡି ବ୍ୟାବସ୍ଥା ନ ଥିବାରୁ କୋଚିଆଠାରେ କମ ଦରରେ ବିକ୍ରୟ କରିଥାନ୍ତି। ପରିଶ୍ରମ ଅନୁସାରେ ଦର କମ ହୋଇଥାଏ। ମଣ୍ଡିର ବ୍ୟାବସ୍ଥା ନ ଥିବାରୁ ବାଧ୍ୟ ହୋଇ ବିକ୍ରୟ କରିବାକୁ ପଡୁଛି।

ଜିଲାରେ ୧ ହଜାର ୮୪୯ ବର୍ଗ କି.ମି. ଜଙ୍ଗଲ ଥିବାରୁ ଚାଷ ଜମି ପରିମାଣ ଅପେକ୍ଷାକୃତ ମହୁଲ ଓ ତେନ୍ତୁଳି ଗଛ ଅଧିକ ରହିଛି। ଲୋକେ କୁଇଣ୍ଟାଲ କୁଇଣ୍ଟାଲ ମହୁଲ ଫୁଲ ସଂଗ୍ରହ କରିଥାନ୍ତି। ମହୁଲ ଫୁଲର ମଣ୍ଡି ବ୍ୟାବସ୍ଥା ନ ଥିବାରୁ ସଂଗ୍ରହକାରୀ ଉଚିତ ମୂଲ୍ୟ ଜାଣି ପାରୁନାହାନ୍ତି। ଗ୍ରାମାଞ୍ଚଳ କୋଚିଆଠାରେ କମ ଦରରେ ବିକ୍ରୟ କରିଥାନ୍ତି। ଫଳରେ ଦଲାଲ ମାଲେମାଲ ଓ ସଂଗ୍ରହକାରୀ ଶୋଷଣର ଶିକାର ହେଉଛନ୍ତି।



ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଦ୍ୱାରା ତେନ୍ତୁଳି ସଂଗ୍ରହ କରାଯାଉଛି।

ବର୍ତ୍ତମାନ ଜିଲାରେ ଏକ ସରକାରୀ ସଂସ୍ଥା ଟିଡିସିସି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ତେନ୍ତୁଳି ମଣ୍ଡି ଖୋଲି ସଂଗ୍ରହକାରୀଙ୍କଠାରୁ ସିଧାସଳଖ କ୍ରୟ କରୁଛି। ସଂଗ୍ରହକାରୀଙ୍କୁ ଦଲାଲ ପାଖଙ୍କୁ ଯିବାକୁ ପଡୁନାହିଁ। ସରକାର ଟିଡିସିସି ଜରିଆରେ ସଂଗ୍ରହକାରୀଠାରୁ ତେନ୍ତୁଳି କିଣି ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେଉଛନ୍ତି। ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପଡୁଛି। ଚଳିତବର୍ଷ ତେନ୍ତୁଳିର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୬ଶହ ଟଙ୍କା ରହିଛି। ଜିଲାର ୨୭ଟି ଏସ୍‌ଏଚ୍‌ଜି ତେନ୍ତୁଳି କ୍ରୟ କରି ସରକାରଙ୍କଠାରେ ବିକ୍ରୟ କରି ଲାଭାନ୍ୱିତ ହୋଇଥିବା ବେଳେ ଜିଲାର ୧ ହଜାର ୬୦୫ଜଣ ଗରିବ ଆଦିବାସୀ ପରିବାର ତେନ୍ତୁଳି ବିକ୍ରୟ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି। ସରକାର ଚଳିତବର୍ଷ ଜିଲାରୁ ପ୍ରାୟ ୧୩ ହଜାର ୭୭୦ କୁଇଣ୍ଟାଲ ତେନ୍ତୁଳି କିଣିଛନ୍ତି। ଆଦିବାସୀଙ୍କଠାରୁ ତେନ୍ତୁଳି ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏସ୍‌ଏଚ୍‌ଜି ନିୟୋଜିତ କାରାଯାଇଛି।

ଚଳିତବର୍ଷ ୨୭ଟି ଏସ୍‌ଏଚ୍‌ଜି ଓ କ୍ରୟକାରୀ ସଂସ୍ଥା ନିୟୋଜିତ ହୋଇଛନ୍ତି। ଜିଲାର ପ୍ରାୟ ୧ ହଜାର ୬୦୫ଜଣ ସଂଗ୍ରହକାରୀ ନିଜ ନାମ ପଞ୍ଜୀକୃତ କରି ଟିଡିସିସି ଦ୍ୱାରା ଖୋଲା ଯାଇଥିବା କେନ୍ଦ୍ରକୁ ଆସି ତେନ୍ତୁଳି ବିକ୍ରି କରୁଛନ୍ତି। ଜିଲାରେ ତେନ୍ତୁଳି ମଣ୍ଡି ଖୋଲିବା ଦ୍ୱାରା ସଂଗ୍ରହକାରୀ ଉଚିତ ମୂଲ୍ୟ ପାଇବା ସହ କ୍ରୟ କରିଥିବା ଏସ୍‌ଏଚ୍‌ଜି ମଧ୍ୟ ଲାଭାନ୍ୱିତ ହେଉଛନ୍ତି। ଚଳିତବର୍ଷ ଜିଲାରୁ ସଂଗୃହିତ ୧୩ ହଜାର ୭୭୦ କୁଇଣ୍ଟାଲ ତେନ୍ତୁଳି ସମ୍ବଲପୁର ଶୀଳଭଣ୍ଡାରରେ ସଂରକ୍ଷିତ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ନିଲାମ କରାଯିବ ବୋଲି ଟିଡିସିସି ଆଞ୍ଚଳିକ ପରିଚାଳକ ରଞ୍ଜନ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

## ସୁନାମାଲ ଏମ୍‌ଏମ୍‌ସିସି ଚାମ୍ପିୟନ



ଅତିଥିଙ୍କ ସହ ଖେଳାଳିମାନେ।

### ଅଣ୍ଡର ୧୯ କ୍ରିକେଟ ଟୁର୍ନାମେଣ୍ଟ

କୋକସରା,୯।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ଶିଉନି ଗ୍ରାମର ମା' ମଙ୍ଗଳା ମିନି ଷ୍ଟାଡିୟମଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମା' ମଙ୍ଗଳା ନକଆଉଟ ଅଣ୍ଡର ୧୯ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଏମଏମସିସି ସୁନାମାଲ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୨୦ରନ ସଂଗ୍ରହ କରିଥିଲା। ଜବାବରେ ଏମଏମସିସି ଶିଉନି ମାତ୍ର ୪୦ରନ କରି ଅଲଆଉଟ ହୋଇଥିଲେ। ଫାଇନାଲ ଖେଳକୁ ଶୁଭମ ପଣ୍ଡା, ସୁଶାନ୍ତ ସେଠି ଓ ସ୍କୋର ବୋର୍ଡରେ କୁମୁଦ ବେହେରା ସହଯୋଗ କରିଥିବା ବେଳେ ଧାରା ବିବରଣୀ ନିଲୁ ଅଗସ୍ତି ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ ଓ ରନର୍ସ ଅପ ଟିମକୁ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ମୁଖ୍ୟଅତିଥି ଭାବେ ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ସମ୍ମାନିତ ଅତିଥି ଭାବେ ପରମେଶ୍ୱର ଧ.ମାଝି, ସୁଧୀର ଧ. ମାଝି, ଈଶ୍ୱରୀ ପ୍ରସାଦ ଅଗସ୍ତି, ଥବିର ନାଏକ, ସୁବାସ ବେହେରା, କୁମୁଦ ବେହେରା, ସମୀର ବେହେରା ଓ ନିଲୁ ନାଏକ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଖେଳପଡ଼ିଆର ଉନ୍ନତୀକରଣ କରାଯାଉ

ଲାଠୋର, ୯।୬(ଡି.ଏନ୍.ଏ.)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡ଼ିଆର ଉନ୍ନତିକରଣ ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇଛି। ଏଥିପ୍ରତି ପ୍ରଶାସନ ଅଣଦେଖା କରୁଥିବାରୁ ୫୭ ବର୍ଷର ପୁରୁଣା ଖେଳପଡ଼ିଆ ଆଜି ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଅଭିଯୋଗ ହେଉଛି। ଗତ ୧୯୬୬ ମସିହାରେ ଗ୍ରାମର ପୁରୁଣା ଫରେଷ୍ଟ ବଙ୍ଗଳା ନିକଟରେ ରହିଥିବା ୫ ଏକର ୫୨ ଡ଼ିସମିଲ ଜାଗା ସଭାପତି ଲାଠୋର ମଧ ଇଂରାଜୀ ବିଦ୍ୟାଳୟଙ୍କ ନାମରେ ରେଜିଷ୍ଟ୍ରି କରାଯାଇ ସେଠାରେ ବିଦ୍ୟାଳୟ କୋଠରୀ ଗୃହ ନିର୍ମାଣ କରି ପାଠପଢା ଆରମ୍ଭ କରାଗଲା। ସ୍ଥାନୀୟ ଫୁଲକିମୁଣ୍ଡା ଗ୍ରାମର ହରିହର ପଟ୍ଟନାୟକ ପ୍ରଥମ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ବହନ କରିଥିଲେ। ସେତେବେଳେ ଏହି ଖେଳ ପଡ଼ିଆ ନିର୍ମାଣ କରାଯାଇଥିଲା। ଦୀର୍ଘ ୫୭ବର୍ଷର ପୁରୁଣା ଖେଳପଡ଼ିଆରେ ଆଜିଯାଏ କେବଳ ମାଟି ଉନ୍ନତି କରଣ ଟିକିଏ କରାଯାଇଛି। ଚେଞ୍ଜିଙ୍ଗ ରୁମଟିଏ ଏବଂ ଷ୍ଟେଜ ଗୋଟିଏ ନିର୍ମାଣ କରି ଗୋଟିଏ ପାଖରେ ବାଡ଼ା ଦିଆଯାଇଛି। ତାପରେ ଅନ୍ୟ କୌଣସି ପ୍ରକାର ଉନ୍ନତିକରଣ କାମ କରାଯାଉ ନାହିଁ। ପ୍ରତିବର୍ଷ ଏହି ଖେଳପଡ଼ିଆରେ ଆନ୍ତଃରାଜ୍ୟ କ୍ରିକେଟ ଏବଂ ଫୁଟବଲ ଟୁର୍ନାମେଣ୍ଟ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଗ୍ରାମର ମହିଳା ପୁରୁଷ ପ୍ରତିଦିନ ଖେଳପଡ଼ିଆକୁ



ଲାଠୋର ଖେଳପଡ଼ିଆ।

ବ୍ୟାୟାମ, ଯୋଗ ଇତ୍ୟାଦି ପାଇଁ ଯିବାଆସିବା କରୁଛନ୍ତି। ହେଲେ ଏହାର ଉନ୍ନତିକରଣ ଦିଗରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଦୀର୍ଘ ବର୍ଷରୁ ଖେଳପଡ଼ିଆକୁ ମାଟି ପକାଇ ସମତଳ କରିବା, ପଡ଼ିଆର ସୁରକ୍ଷା ପାଇଁ ଚାରିଆଡ଼େ ବାଡ଼ର ବ୍ୟବସ୍ଥା କରିବା ସହ ଗେଟ ନିର୍ମାଣ କରିବା, ପଡ଼ିଆରେ ଘାସ ଲଗେଇବା, ପଡ଼ିଆର ଚାରିପାଖେ ଗଛ ଲଗାଇବା, ଲୋକ ବସାଉଠା ତଥା ବ୍ୟାୟାମ, ଯୋଗ ଆଦି ପାଇଁ ଗ୍ୟାଲେରୀ ଏବଂ ଓପନ ଜିମ ନିର୍ମାଣ କରିବାକୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲୋକ ଦାବିକରି ଆସୁଥିଲେ ମଧ ଦାବିକୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ପଡ଼ିଆଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଲୋକ ସେଠାକୁ ଯାଇ ଭୋଜିଭାତ କରି ମଦ ପିଇବା ସହ ବୋତଲ ଭାଙ୍ଗି ପଡ଼ିଆର ଚାରି ପଖେ ପକାଇ ବିଭିନ୍ନ ନିର୍ମାଣ ଜିନିଷ ଭଙ୍ଗା ରୁଜା କରି ଅପ୍ରିତିକର ପରିବେଶ ସୃଷ୍ଟି କରୁଛନ୍ତି। ଫଳରେ ଖେଳ ପଡ଼ିଆରେ ଖେଳକୁ ଛାଡ଼ିଦେଲେ ଅନ୍ୟାନ କୌଣସି କାର୍ଯ୍ୟକ୍ରମ କିମ୍ବା ଯୋଗ, ବ୍ୟାୟାମ ପାଇଁ ଲୋକ ଆସୁନାହାନ୍ତି। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ପଞ୍ଚାୟତ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ପଠାଇଛୁ ଅନୁମୋଦନ ହୋଇ ଆସିଲେ ସମସ୍ତ ପ୍ରକାର ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ତେବେ ଯଥାଶିଘ୍ର ଖେଳପଡ଼ିଆର ଉନ୍ନତିକରଣ ସହ ମିନି ଷ୍ଟାଡ଼ିୟମର ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

## ସିନାପାଲିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ସିନାପାଲି,୯।୬(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଜଗନ୍ନାଥ ମନ୍ଦିର ପରିସରରେ ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ମହାପ୍ରଭୁଙ୍କ ଅଣସରନୀତି, ନେତ୍ରୋତ୍ସବ, ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରିବିଜେ ଆଦି ଉତ୍ସବ ଶୃଙ୍ଖଳାର ସହ ପାଳନ ନେଇ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ଟ୍ରାଫିକ୍ ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଉପରେ କମିଟି ଗୁରୁତ୍ୱ ଦେଇଛି। ସମ୍ପାଦକ ତୁଳସୀରାମ ମେହେର ବୈଠକର ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ସେବାୟତମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଡମ୍ବରୁଧର ମେହେର, ଫଣିନ୍ଦ୍ରନାଥ ମେହେର, ଶଶିଭୂଷଣ ମାଝି, ଲୋକନାଥ ମେହେର, ନାରାୟଣ ପାତ୍ର, ହୃଦାନନ୍ଦ ମାଝି, ନାରାୟଣ ପାତ୍ର, ତପିରାମ ମେହେର, ମୋତିରାମ ମେହେର, ଗୋଲାମଣି ସା, ଲମ୍ବୋଦର ମେହେର, ଲୋକନାଥ ମେହେର, ଈଶ୍ୱର ପ୍ରସାଦ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଗଣପତି ମେହେର, ଜିତେନ ମେହେର, ଡୋଳାମଣି ମେହେର, ଗୟାରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ।







DAYANAND INSTITUTE
Dhanupali, Sambalpur- 768005
Helpline- 8763032587, 9938895475, 9437158817
ADMISSION OPEN
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ଅତିରିକ୍ତ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଭବାନୀପାଟଣା,୯।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଜିଲାର ବିଭିନ୍ନ ବ୍ଲକ, ଏନ୍‌ଏସି ଅଞ୍ଚଳ ପରିକ୍ରମା କରି ଶିଶୁ ଶ୍ରମିକ ନିରାକରଣ ଓ ଶିଶୁ ତଥା କିଶୋରମାନଙ୍କୁ ବିଭିନ୍ନ କର୍ମସଂସ୍ଥାନରେ ନିୟୋଜନ ନିଷେଧ ଉପରେ ସଚେତନତା ସୃଷ୍ଟି କରିବ। ଶିଶୁ ଓ କିଶୋର (ନିରାକରଣ ଓ ନିୟନ୍ତ୍ରଣ) ୧୯୮୬ ନିୟମ ଅନୁଯାୟୀ ୧୪ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ବିଭିନ୍ନ ବୃତ୍ତିରେ ନିଯୁକ୍ତି ଦେବା ନିଷେଧ ଏବଂ ୧୫ରୁ ୧୮ବର୍ଷ ପର୍ଯ୍ୟନ୍ତ କିଶୋରମାନଙ୍କୁ ବିପଦସଙ୍କୁଳ କର୍ମ ସଂସ୍ଥାନ ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଏଭଳି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ ହେଲେ ୫୦,୦୦୦ ଟଙ୍କା ଆର୍ଥିକ ଜରିମାନା ଓ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡିବ। ଦେଖାଯାଉଛି ବିଭିନ୍ନ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନରେ ଅସାଧୁ ବ୍ୟବସାୟୀ କମ ପାରିଶ୍ରମିକ ଦେଇ ଶିଶୁ ଶ୍ରମିକ ନିୟୋଜନ କରୁଛନ୍ତି। ଏହି ବିଷୟରେ ଜନସାଧାରଣ ସଚେତନ ହୋଇ ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରିପାରିଲେ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶାର ସଂକଳ୍ପ ପୂରଣ ହୋଇପାରିବ ବୋଲି ଆଶା କରାଯାଉଛି। ସଚେତନତା ରଥ ଶୁଭାରମ୍ଭ ସମୟରେ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ, ସହକାରୀ ଶ୍ରମ ଅଧିକାରୀ ଜିତମ୍ ମାଝି, ଟ୍ରେଡ ୟୁନିୟନ୍ ସଭାପତି ଶିଶିର ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷାର କର୍ମଚାରୀ ଅଂଶୁମାନ ବାବୁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।






**ସଂକ୍ଷେପରେ**

## ପିକ୍‌ଅପ୍ ସହ କାଠ ଜବତ,୩ ଗିରଫ



ପଦ୍ମପୁର,୯।୬(ଡି.ଏନ୍.ଏ.): ପଦ୍ମପୁର ବନାଞ୍ଚଳ ଖଇରପାଲି ସେମେଲମୁଣ୍ଡା ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ ଯୋଗେ କାଠ ଚୋରାଚାଲାଣ ହେଉଥିବା ବେଳେ ବନବିଭାଗ ଚଢ଼ାଉ କରି ୩ ଜଣଙ୍କୁ କାବୁ କରିବା ସହ ପିକ୍ ଅପ୍ ଭ୍ୟାନ ଜବତ କରିଛି। ଏନେଇ ବନବିଭାଗ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଘେଁସ ନିକଟ ଢୁହାନପାଲି ଗ୍ରାମର କିସନ ପ୍ରଧାନ, ଛତିଶଗଡ଼ ସରାଇପାଲି ନିକଟ ଛିଦ୍ରା ଗ୍ରାମର ସୁନୀଲ ମଲ୍ଲିକ ଓ ସଦାନନ୍ଦ ବନଛୋରା। ଚଢ଼ାଉ ସମୟରେ ୧୦ ଖଣ୍ଡ ସାଇଜ କେନ୍ଦୁଗଛ ଗଣ୍ଡି ବନବିଭାଗ ଜବତ କରିଥିଲା। ସେମେଲମୁଣ୍ଡା ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ ଯୋଗେ କାଠ ଚୋରାଚାଲାଣ ହେଉଥିବା ନେଇ ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉରେ ବନ ବିଭାଗ ଡେପୁଟି ରେଞ୍ଜର ସୁଦାମ ଜଗଦଲା, ଫରେଷ୍ଟର ସରୋଜ ସାହୁ, ଫରେଷ୍ଟ ଗାର୍ଡ ପୃଥିରାଜ ଭୋଇ, ଶାନ୍ତନୁ ପ୍ରଧାନ,ସ୍ମାର୍ଟ ମନ ଥେଟୁଆ,କେଶରଞ୍ଜନ ବୁଡେକ,ନିରାକାର ନାୟକ,ସୁଧାଂଶୁ ଭେଏଷା ସାମିଲ ଥିଲେ।

## ବସ୍ ଦୁର୍ଘଟଣାରେ ଜଣେ ମୃତ

ରାଉରକେଲା ଅଫିସ,୯।୬: ଗୁରୁଣ୍ଡିଆ ଅଞ୍ଚଳରେ ବସ୍ ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ ବିଜୟ କୁମାର ଓରାମ(୩୮)। ରାଉରକେଲା ବସ୍‌ଷ୍ଟାଣ୍ଡରୁ ସ୍ୱସ୍ତିକ ବସ୍ (ନଂ.ଓଡି୧୪ୟୁ/୩୮୭୧) ଭାଡ଼ା ବଣାଇ ଦେଇ ଗୁରୁଣ୍ଡିଆ ଅଭିମୁଖେ ବାହାରିଥିଲା। ବସ୍‌ଟି କିଛି ଦୂର ଯିବା ପରେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ପହଣ୍ଡି ରାସ୍ତାକଡ଼ରେ କୌଣସି କାରଣରୁ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ବହୁ ଯାତ୍ରୀ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ଆର୍‌ଜିଏଚକୁ ଚିକିତ୍ସାଲାଗି ଅଣାଯାଇଥିଲା। ସେଠାରେ ବିଜୟଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଯାତ୍ରୀଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ଯୁକ୍ତ ୨ରେ ପାସ୍ ହାର ୮୫.୫ ପ୍ରତିଶତ

ବଡ଼ଗାଁ,୯।୬(ଡି.ଏନ୍.ଏ.): ବଡ଼ଗାଁ ଯୁକ୍ତ୨ କଲେଜରେ କଳା ବିଭାଗର ପାସ୍‌ହାର ୮୫.୫ ପ୍ରତିଶତ ହୋଇଛି। ଚଳିତ ବର୍ଷ ମୋଟ୨୨୫ ଛାତ୍ରାଛାତ୍ର ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିଲେ। ହେଲେ ସେଥିମଧ୍ୟରୁ ୪ ଜଣ ପରୀକ୍ଷା ଦେଇ ନ ଥିଲେ। ୨୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ ଜଣ ପ୍ରଥମ, ୩୯ ଦ୍ୱିତୀୟ ଓ ୧୨୧ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏଥି ମଧ୍ୟରୁ ବେଣୁଧର ରଣା ସର୍ବାଧିକ ୮୩ ପ୍ରତିଶତ ମାର୍କ ରଖିଥିବା ଜଣାପଡ଼ିଛି।

# ପ୍ରଶାସନିକ ଅନୁମୋଦନ ଅପେକ୍ଷାରେ ୨ ବ୍ୟାରେଜ

ସୋନପୁର,୯।୬(ନି.ପ୍ର.)




ଟପୋ ସିଟ୍‌ରେ ଚିହ୍ନିତ ମହାନଦୀର ଖଇରମାଳରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣ ସ୍ଥାନ।

ମହାନଦୀର ଖଇରମାଳ ଓ ଗୋଧନେଶ୍ୱରଠାରେ ବ୍ୟାରେଜ୍ ନିର୍ମାଣ ହେବ। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବ୍ୟାରେଜ ନିର୍ମାଣ ସମ୍ପର୍କିତ ପ୍ରସ୍ତାବ ପ୍ରଶାସନିକ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ପଠାଇଛନ୍ତି। ୨ ବ୍ୟାରେଜ ନିର୍ମାଣ ସମ୍ପର୍କିତ ପ୍ରସ୍ତାବ ଏବେ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ଅଛି। ଅନୁମୋଦନ ମିଳିଲେ ଜଳ ସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟରେ ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱର ଓ ବୌଦ୍ଧ ଜିଲାର ଖଇରମାଳ ବ୍ୟାରେଜ ସମ୍ପର୍କରେ ଘୋଷଣା କରିଥିଲେ। ମହାନଦୀରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା। ମହାନଦୀ-ତେଲନଦୀର ସଙ୍ଗମ ସ୍ଥଳ ସୋନପୁର ରାମେଶ୍ୱରଠାରୁ ସାଢ଼େ ୩ କି.ମି. ଦୂର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ଖଇରମାଳରେ ବ୍ୟାରେଜ୍ ନିର୍ମାଣ କରାଯିବ। ଏଥିପାଇଁ ବୌଦ୍ଧ ଜଳ ସମ୍ପଦ ବିଭାଗ ପକ୍ଷରୁ ୯୨୫ କୋଟି ୫୯ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଛି। ସେହିପରି ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଗୋଧନେଶ୍ୱରରେ ଆଉ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ସୁବର୍ଣ୍ଣପୁର ତେଲ ଜଳ ସମ୍ପଦ ବିଭାଗ ପକ୍ଷରୁ ୧୦୨୪ କୋଟି ୮୧ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଛି । ସରକାରଙ୍କ ଅନୁମୋଦନ ପରେ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକ୍‌ସନ) କଣ୍ଟ୍ରାକ୍ଟ ବେସିସ୍‌ରେ ଟେଣ୍ଡର ଆହ୍ୱାନ କରାଯିବ। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ବ୍ୟାରେଜ ନିର୍ମାଣ କରିବା ପାଇଁ ୫ ବର୍ଷ ପୂର୍ବରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ସ୍ତରରେ ସର୍ଭେ ପରେ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ମିଳିଥିଲା। ତେବେ କୌଣସି କାରଣରୁ ଏହା ବିଳମ୍ବ ହୋଇଥିଲା। ଚଳିତ ବଜେଟରେ ସରକାର ଏଥିପାଇଁ ବ୍ୟୟବରାଦ କରିଥିଲେ। ଏହି ପ୍ରକଳ୍ପ ବାସ୍ତବ ରୂପ ନେଲେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ସୂଚନା ଅନୁଯାୟୀ, ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି ଲାଗି ସରକାରଙ୍କ ଯୋଜନା ରହିଛି। ତଦନୁଯାୟୀ ଗୋଧନେଶ୍ୱର ବ୍ୟାରେଜ୍ ପାଇଁ ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଗ ପକ୍ଷରୁ ମେ ୯ ତାରିଖରେ ଭବାନୀପାଟଣାସ୍ଥିତ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଏ ସମ୍ପର୍କିତ ପ୍ରସ୍ତାବ ପଠାଯାଇଥିଲା। ମେ ୧୦ରେ ମୁଖ୍ୟଯନ୍ତ୍ରୀ ଭୁବନେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ପଠାଇଛନ୍ତି। ସୂଚନା ଅନୁଯାୟୀ ଖଇରମାଳ ବ୍ୟାରେଜରେ ୧୦୨ଟି ଫାଟକ ଓ ଗୋଧନେଶ୍ୱର ବ୍ୟାରେଜରେ ୭୬ଟି ଫାଟକ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଜଳ ସମ୍ପଦ ବିଭାଗ ଏବେ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରିଛି। ମହାନଦୀ ଓ ତେଲନଦୀର ପାଣି ବର୍ଷା ଦିନେ ସମୁଦ୍ରକୁ ବୋହିଯାଉଥିଲା। ଜଳର ଠିକ୍ ଉପଯୋଗ ହୋଇପାରୁ ନ ଥିଲା। ଖରା ଦିନେ ନଦୀ ଶୁଖିଲା ପଡୁଥିଲା। ୨ ବ୍ୟାରେଜ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ସୁବର୍ଣ୍ଣପୁର ସହର ସମେତ ଉଲ୍ଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଏବଂ ବୌଦ୍ଧ ଜିଲାର ବୌଦ୍ଧ ସହର, ବୌଦ୍ଧ ଓ କନ୍ଧମାଳ ବ୍ଲକର ଲକ୍ଷାଧିକ ଅଧିବାସୀ ଉପକୃତ ହେବେ। ପାନୀୟ ଜଳର ଚାହିଦା ପୂରଣ ସହ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ରବିଋତୁରେ ଜମିକୁ ଜଳସେଚିତ କରିପାରିବ। ଜଳ ଚାହିଦା ପୂରଣ, ସମୁଦ୍ରକୁ ବୋହିଯାଉଥିବା ଜଳର ସଂରକ୍ଷଣ ପାଇଁ ଏହି ବ୍ୟାରେଜ ବିଶେଷ ସହାୟକ ହେବ ବୋଲି ଆଶା ରହିଛି।

■ମହାନଦୀରେ ନିର୍ମାଣ ହେବ ଖଇରମାଳ, ଗୋଧନେଶ୍ୱର ବ୍ୟାରେଜ

■ସୁବର୍ଣ୍ଣପୁର, ବୌଦ୍ଧ ଜିଲା ପାଇଁ ନୂଆ ସମ୍ଭାବନା

■୧୦୨୪.୮୧ କୋଟିରେ ଗୋଧନେଶ୍ୱର , ୯୨୫.୫୯ କୋଟିରେ ଖଇରମାଳ ବ୍ୟାରେଜ ନିର୍ମାଣ ପ୍ରସ୍ତାବ

# ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ୍‌ରେ ମକ୍ ଡ୍ରିଲ୍

ରାଉରକେଲା ଅଫିସ,୯।୬



ମକ୍ ଡ୍ରିଲ୍ ସମୟରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀଗଣ।

ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ଆକଳନ କରିବା ଉଦ୍ଦେଶ୍ୟରେ ଗୁରୁବାର ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍‌ରେ ଏକ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା। ଏହି ଡ୍ରିଲ୍ ମିଲ୍‌ର ଡିଭାଇଡିଂ ସିଅର ହାଇଡ୍ରୋଲିକ୍ ସେଲ୍‌ରରେ ଅଗ୍ନିକାଣ୍ଡର କାଳ୍ପନିକ ଦୃଶ୍ୟକୁ ଅନୁକରଣ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା।

ଏହି ବ୍ୟାୟାମରେ ତିନୋଟି ଦଳ ଯଥା କମ୍ବାଟ୍, ରେସ୍କ୍ୟୁ ଏବଂ ସହାୟକ ଦଳ ସମ୍ପୃକ୍ତ ଥିଲେ। ଏହି ଦଳଗୁଡିକ ଏନ୍‌ପିଏମ୍, ଅଗ୍ନିଶମ ସେବା, ଇଏମ୍‌ଡ଼ି, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରିବହନ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥିଲା। ମକ୍ ଡ୍ରିଲ୍ କାଳୀନ ବିଭିନ୍ନ ଏଜେନ୍ସିର ପ୍ରତିକ୍ରିୟା ସମୟ ଏବଂ ଅଗ୍ନିକାଣ୍ଡ ଘଟଣା ସହିତ ଜଡିତ ଷ୍ଟାଣ୍ଡାର୍ଡ ଅପରେଟିଂ ନିୟମାବଳୀର ଅନୁପାଳନ ବିଷୟରେ ନିର୍ଦ୍ଦିଷ୍ଟ ଭାବେ ମୂଲ୍ୟାଙ୍କନ କରାଯାଇଥିଲା। ସମସ୍ତ ସହଯୋଗୀ ୟୁନିଟ୍‌ଗୁଡିକର ମୁଖ୍ୟ ଏବଂ ପ୍ରତିନିଧିମାନଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ମକ୍ ଡ୍ରିଲ୍ ବିଶ୍ଳେଷଣ କରାଯାଇଥିଲା ଏବଂ ସାମର୍ଥ୍ୟ ଓ ଉନ୍ନତିସାଧ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏନ୍‌ପିଏମ୍ ଓ ଏସ୍‌ପିପି ବିଭାଗର ସିଜିଏମ କାର୍ତ୍ତିକେୟ ବେହେରା, ଏନ୍‌ପିଏମ୍ ବିଭାଗର ଜିଏମ୍ ଆର୍. ଏସ୍. ଶର୍ମା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆଶା କାର୍ଥା, ପି. ଏସ୍. ଠାକରେ, ଅଗ୍ନିଶମ ସେବା ବିଭାଗର ଡିଜିଏମ୍ ପି. ଏସ୍. ଥାକରେ, ଏନ୍‌ପିଏମ ମ୍ୟାନେଜର ତଥା ଡିଏସ୍‌ଓ ସୁମନ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏକ ଉଚ୍ଚସ୍ତରର ପ୍ରସ୍ତୁତି ବଜାୟ ରଖିବା ଏବଂ ଯେକୌଣସି ଅପ୍ରତ୍ୟାଶିତ ସ୍ଥିତିର ପ୍ରଭାବଶାଳୀ ସମାଧାନ କରିବା ପାଇଁ ଆର୍‌ଏସ୍‌ପି ନିୟମିତ ଭାବେ ବିଭିନ୍ନ ରଣନୀତିକ ୟୁନିଟ୍ ଗୁଡିକରେ ଏଭଳି ମକ୍ ଡ୍ରିଲ୍ ଆୟୋଜନ କରିଆସୁଛି ।

## ଯୋଗମାୟା ମହିଳା କଲେଜର ଯୁକ୍ତ ୨ କଳା ଫଳ ଶତପ୍ରତିଶତ

ଲହୁଣୀପଡ଼ା,୯।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲିସ୍ଥିତ ବଣେଇ ଉପଖଣ୍ଡର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ କଳା ପରୀକ୍ଷାରେ ଶତପ୍ରତିଶତ ଫଳାଫଳ ହୋଇଛି। ଚଳିତ ବର୍ଷ ମୋଟ ୫୯ ଜଣ ଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୫୮ ଜଣ ପରୀକ୍ଷା ଦେଇଥିଲେ। ସମସ୍ତ ଛାତ୍ରୀ ପାସ୍ କରିଥିବା ଜଣାପଡ଼ିଛି। ଏଥି ମଧ୍ୟରୁ ୨୧ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୫ ଛାତ୍ରୀ ଦ୍ୱିତୀୟ ଓ ୨୨ ଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଲକ୍ଷ୍ମୀପ୍ରିୟା ସାହୁ ୫୦୩ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭୂମିକା ଜୟସ୍ୱାଲ ୪୬୬ ନମ୍ବର ରଖି ଦ୍ୱିତୀୟ ଓ ନନ୍ଦିତା ମିଶ୍ର ୪୫୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜର ଅଧ୍ୟକ୍ଷା ଝରଣା ପ୍ରଧାନ ଓ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ପରିଚାଳନା କମିଟି ଅଧ୍ୟକ୍ଷ, ସଦସ୍ୟାସଦସ୍ୟ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଯୁକ୍ତ ୨ରେ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ସଫଳତା

ସୁନ୍ଦରଗଡ଼,୯।୬( ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ର ବିଜ୍ଞାନରେ ୯୨.୪ପ୍ରତିଶତ, କଳାରେ ୯୧.୨ ଓ ବାଣିଜ୍ୟରେ ୯୨.୫ ପ୍ରତିଶତ ପାସ୍ କରିଛନ୍ତି। ଏହା ଜିଲା ଓ ରାଜ୍ୟ ପାସ୍ ହାରଠାରୁ ଅଧିକ ରହିଛି। ବିଜ୍ଞାନରେ ସୁଜଳ ସେଠୀ ୫୦୭ ମାର୍କ ରଖି ପ୍ରଥମ, ଆଶିଷ ପଟେଲ ୪୮୮ ମାର୍କ ରଖି ଦ୍ୱିତୀୟ ଓ ସୁଧାନଶୁଂ ଶେଖର ମଗର ୪୭୩ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ସ୍ନେହାରାଣୀ ନାୟକ ୫୨୧ମାର୍କ ରଖି ପ୍ରଥମ, ମନୀଷା ସାହୁ ୫୨୦ ରଖି ଦ୍ୱିତୀୟ ଓ ଆୟୁଷ କୁମାର ନନ୍ଦ ୫୧୮ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଳାରେ ମଞ୍ଜୁଲତା ରଣା ୫୪୩ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରୀତେଶ ଭୋଇ ୫୧୧ ମାର୍କ ରଖି ଦ୍ୱିତୀୟ ଓ ଆଶା ଇନ୍ଦୁଆର ୪୯୫ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର, ଅଧାପିକା ଅଧ୍ୟାପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରତି ପଞ୍ଚାୟତରେ ହେଉ ପାଠାଗାର



ପାଠାଗାର ନିର୍ମାଣ ଦାବିରେ ବରଗଡ଼ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼ ଅଫିସ୍,୯।୬

**ଶିଶୁଶ୍ରୀ ପାଠାଗାର ଅନୁଷ୍ଠାନର ଦାବି**

ବରଗଡ଼ ଜିଲାର ପ୍ରତି ପଞ୍ଚାୟତରେ ପାଠାଗାର ନିର୍ମାଣ ପାଇଁ ଶିଶୁଶ୍ରୀ ପାଠାଗାର ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି । ଏହି ଦାବି ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଅତିରିକ୍ତ ଜିଲାପାଳ କୃତିବାସ ରାଉତ ଏବଂ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡାଙ୍କୁ ମଧ୍ୟ ପୃଥକ୍ ଭାବେ ସ୍ମାରକପତ୍ର ଦିଆଯାଇଛି। ପ୍ରତି ପଞ୍ଚାୟତରେ ପାଠାଗାର କରାଗଲେ ଛାତ୍ରାଛାତ୍ର ପୁସ୍ତକ ମନସ୍କ ହୋଇ ପାରିବେ। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶିଶୁଶ୍ରୀ ପାଠାଗାର ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଶିଶୁଶ୍ରୀ ପାଠାଗାରର ସଭାପତି ମନୋରଞ୍ଜନ ମେହେର, ଆବାହକ ଡଃ ରବି ନାରାୟଣ ସାହୁ, ସଂଯୋଜକ ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସଦସ୍ୟ ଅର୍ଜୁନ ସେଟ୍, ରାଜକୁମାର ବନଛୋର, ବାସମତୀ ବନଛୋର, ଡଃ ତୋଲାମଣି ଶତପଥି, ଦୁଃଖିସେବକ ସାହୁ, ସଂଘମିତ୍ରା ପଟେଲ, ପ୍ରଦୀପ୍ତଭାନୁ ମହାନ୍ତି, ଆଲୋକ ରଞ୍ଜନ ଦାଶ, ସୁପ୍ରଭା ସାମଲ, ଦୟାନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ରେ ହେବ ମିଲେଟ୍ ମିଶନ କାଫେ

ବରଗଡ଼ ଅଫିସ୍,୯।୬

ବରଗଡ଼ରେ ମିଲେଟ୍ ମିଶନ କାଫେ ନିର୍ମିତ ହେବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ହେଉଥିବା ଏହି ମିଲେଟ୍ ମିଶନ କାଫେ ସ୍ଥାନୀୟ ଗାନ୍ଧୀଛକ ନିକଟରେ ନିର୍ମାଣ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇସାରଛି। ବିଧାୟକ ଦେବେଶ ଆଚାର୍ଯ୍ୟ ଶୁକ୍ରବାର ନିରୂପିତ ସ୍ଥାନ ପରିଦର୍ଶନ କରିଛନ୍ତି। ମିଲେଟ୍ ମିଶନ କାଫେ ଜରିଆରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିବେ ଏବଂ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଜନସାଧାରଣ ସେଠାରୁ ପାଇ ଉପକୃତ ହେବେ ବୋଲି ବିଧାୟକ କହିଥିଲେ। ତେବେ ମିଲେଟ୍ ମିଶନ କାଫେ ରୂପରେଖ କିଭଳି ହେବ, ସେ ସମ୍ପର୍କରେ ମଧ୍ୟ ବିଧାୟକ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ସମେତ ପୂର୍ତ୍ତ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ନିର୍ମାଣାଧୀନ ଛାତରୁ ଖସି ଶ୍ରମିକ ମୃତ

ବଘିଆପଡ,୯।୬(ଡି.ଏନ.ଏ.)

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ସାଲେସିଂ ଗ୍ରାମରେ ନିର୍ମାଣାଧୀନ ଛାତରୁ ଖସି ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନିଲ ଥାଟି (୨୯)। ପ୍ରକାଶ ଯେ, ସାଲେସିଂ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ଛାତ ପକାଇବାକୁ ପୁରୁଣାକଟକ ଥାନା ଅନ୍ତର୍ଗତ ଶୁକପାଲି ଗ୍ରାମର କେତେଜଣ ଶ୍ରମିକ ଆସିଥିଲେ। ଖରା ଯୋଗୁ ଗୁରୁବାର ରାତିରେ ଉକ୍ତ ଶ୍ରମିକମାନେ ଘରର ଛାତ ପକାଉଥିଲେ। କିନ୍ତୁ ଶ୍ରମିକ ଅନିଲ ଏହି କାମ କରୁଥିବା ବେଳେ କୌଣସି କାରଣରୁ ଛାତରୁ ଖସି ପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ ସାମଗ୍ରୀ ଚୋରି ଅଭିଯୋଗରେ ୨ ଗିରଫ

ହେମଗିର,୯।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ସରବାହାଲଠାରେ ଏକ ପିକ୍‌ଅପ୍ ଭ୍ୟାନରେ ଚୋରା ବିଦ୍ୟୁତ୍ ସାମଗ୍ରୀ ଚାଲାଣ ହେଉଥିବା ସମୟରେ ହେମଗିର ପୋଲିସ ଚଢ଼ାଉ କରିଛି। ଚୋରି ସାମଗ୍ରୀ ଜବତ କରିବା ସହ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଦ୍ୱୟ ହେଲେ କଳିକତାର ଫିରୋଜ ଶେକ(୩୬) ଓ ଝାରସୁଗୁଡ଼ା ଜିଲା ତରେଇକେଲା ଗ୍ରାମର ମଦନ ବେଶନ(୨୬)। ସରବାହାଲ ରାସ୍ତା ଦେଇ ଚୋରା ବିଦ୍ୟୁତ୍ ସାମଗ୍ରୀ ଚାଲାଣ ହେଉଥିବା ନେଇ ପୋଲିସି ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧୩୦୦ ମିଟର ବିଦ୍ୟୁତ୍ ତାର ସହ ଅନ୍ୟ ସାମଗ୍ରୀ ଜବତ ହୋଇଛି।

## ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି ବୈଠକ

ବରପାଲି,୯।୬(ଡି.ଏନ.ଏ.)

ବରପାଲି ବାନ୍ଧକଳାର ପ୍ରବାଦ ପୁରୁଷ, ପଦ୍ମଶ୍ରୀ ତଥା ଶିଳ୍ପଗୁରୁ କୁଞ୍ଜ ବିହାରୀ ମେହେରଙ୍କ ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର କଳା ଭାରତୀ ଟ୍ରଷ୍ଟ ସଂଗ୍ରହାଳୟ କଳାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଭାପତି ଡ଼. ରବୀନ୍ଦ୍ର କୁମାର ଗର୍ତିଆ ସଭାପତିତ୍ୱ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ବାନ୍ଧଶିଳ୍ପୀ, ଡ. ସୁରେନ୍ଦ୍ର ମେହେର, ସମ୍ପାଦକ ଡ. ଶୁକମୁନି ମେହେର, ଟ୍ରଷ୍ଟି ହରି ଚରଣ ଖଟୁଆ, ମହେନ୍ଦ୍ର କୁମାର ମେହେର, ସଙ୍ଗୀତଜ୍ଞ ବୀରେନ୍ଦ୍ର ନାଥ ନାଗ, ନିରଞ୍ଜନ ମେହେର, ଗଦାଧର ସିଂହ, ଅଧ୍ୟାପକ ରମାକାନ୍ତ ତ୍ରିପାଠୀ, ଟେରାକୋଟା ଶିଳ୍ପୀ ମନବୋଧ ରଣା, ବାନ୍ଧଶିଳ୍ପୀ ନବ କିଶୋର ମେହେର ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ଖଣି ବିସ୍ଥାପିତ

ସୁନ୍ଦରଗଡ଼,୯।୬(ଡି.ଏନ୍.ଏ.)



ଗ୍ରାମବାସୀ ଜିଲାପାଳଙ୍କୁ ସମସ୍ୟା ବିଷୟରେ କହୁଛନ୍ତି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଜାମକାନୀ କୋଇଲା ଖଣି ପାଇଁ ବିସ୍ଥାପିତ ହେଉଥିବା କେତେକ ଗ୍ରାମବାସୀ ଶୁକ୍ରବାର ଜିଲାପାଳ ଡ. ପରାଗ ହର୍ଷଦ ଗଭାଲିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ସମସ୍ୟା ଜଣେଇ ତାର ସମାଧାନ ପାଇଁ ଅନୁରୋଧ କରିଛନ୍ତି। ସମସ୍ୟା ଗଡ଼ିକ ମଧ୍ୟରେ କୋଇଲା ଖଣି ପାଇଁ ଜମି ହରେଇଥିବା ଲୋକଙ୍କ ପାଇଁ ଜିଲା ପ୍ରଶାସନ, ବେଦାନ୍ତ ଏବଂ ବିଜିଆର କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ, ଦୂରରୁ ଲୋକେ ସୁନ୍ଦରଗଡ଼ ଜମି ଅଧିଗ୍ରହଣ ଅଫିସକୁ ଆସି ବହୁ ଖର୍ଚ୍ଚାନ୍ତ ହେବା ସହିତ ଦଲାଲଙ୍କ ଦ୍ୱାରା ହଇରାଣ ହେଉଥିବାରୁ ଏହି ଅସୁବିଧା ଦୂର କରିବା ଲାଗି ଏକ କ୍ୟାମ୍ପ ଅଫିସ ହେମଗିର କିମ୍ବା ଝାରପଲମ ପଞ୍ଚାୟତ ଅଫିସଠାରେ ଆରମ୍ଭ କରିବା, ଯେଉଁମାନେ ଏହି କୋଇଲା ଖଣିରେ ଚାକିରୀ କରୁଛନ୍ତି ସେମାନଙ୍କୁ କୋଲ ଇଣ୍ଡିଆର ମିନିମମ ୱେଜେସ ଅନୁସାରେ ଦରମା ଦେବା, ଆର୍‌ଆର୍ କଲୋନୀରେ ଦେଖାଦେଇଥିବା ସମସ୍ୟା ଗୁଡ଼ିକର ସମାଧାନ। ଏ ସବୁ ଦିଗପ୍ରତି ଜିଲାପାଳ ବିଚାର କରି ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ସମସ୍ୟାର ସମାଧାନ ପାଇଁ କମ୍ପାନୀ ଜୁନ ୩୦ ଯାଏ ସମୟ ନେଇଛି ବୋଲି ଜିଲାପାଳ କହିଛନ୍ତି। ବିଜେଡି ନେତା ଗୋପାଳ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମାବସୀ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ କହିଥିଲେ। ଆଲୋଚନାନା ସମୟରେ ସୁନ୍ଦରଗଡ଼ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବିସ୍ଥାପିତ ଗ୍ରାମବାସୀଙ୍କ ମଧ୍ୟରେ ପଦ୍ମଲୋଚନ ଦେହେରି, ଦୁର୍ଯ୍ୟୋଧନ ପ୍ରଧାନ, ପ୍ରଦୀପ ପ୍ରଧାନ, ୱାତକର ସିଂ କୱାର, ଗୋପ ମହାନ୍ତି, କାଉନସିଲର କୈଳାସ ତନ୍ତି ଓ ଆଲୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧ ଦମନ, ଶାନ୍ତି ପ୍ରତିଷ୍ଠା ଦାବିରେ ଏସ୍‌ପିଙ୍କୁ ଦାବିପତ୍ର

ବଲାଙ୍ଗୀର ଅଫିସ, ୯।୬



ଏସ୍‌ପିଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟାସଦସ୍ୟ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ସହରରେ ଅସାମାଜିକ ତତ୍ତ୍ୱଙ୍କ ଗୁଣ୍ଡାଗର୍ଦ୍ଦି, ଚୋରି ଡକାୟତି ଏବଂ ଅପରାଧ ଦମନ ଦାବି ନେଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଏସ୍‌ପି ଋଷିକେଶ ଖିଲାରୀଙ୍କୁ ଦାବିପତ୍ର ଦିଆଯାଇଛି। ସଙ୍ଗଠନ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟା ସଦସ୍ୟମାନେ ଏସ୍‌ପି ଅଫିସକୁ ଯାଇ ବଲାଙ୍ଗୀର ସହରର ସାମ୍ପ୍ରତିକ ଆଇନଶୃଙ୍ଖଳା ପରିସ୍ଥିତି ନେଇ ନୂଆ କରି ଯୋଗଦେଇଥିବା ଏସପି ଖିଲାରୀଙ୍କୁ ଅବଗତ କରିଥିଲେ। ସେମାନେ କହିଥିଲେ ଯେ, ବିଦାୟୀ ଏସ୍‌ପି ନିତିନ କୁଶଲକରଙ୍କ ନେତୃତ୍ୱରେ ଗତ କିଛିମାସ ଧରି ଅପରାଧୀମାନଙ୍କ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରାଯାଇଥିଲା। ଫଳରେ ସହରରେ ଅସାମାଜିକ ତତ୍ତ୍ୱଙ୍କ ଭିତରେ କିଛି ମାତ୍ରାରେ ପୋଲିସ ପ୍ରତି ଭୟ ସୃଷ୍ଟି ହୋଇଥିଲା। ତେବେ କିଛି ଦିନ ଶାନ୍ତି ପ୍ରତିଷ୍ଠା ପରେ ଏବେ ପୁଣି ଥରେ ସହରରେ ଚୋରି, ଡକାୟତି, ଲୁଟ, ରାହାଜାନୀ, ମାଡପିଟ, ହତ୍ୟା ଭଳି ଘଟଣା ଘଟିବା ଆରମ୍ଭ ହୋଇଛି। ଅନେକ ସ୍ଥାନରେ କଥା କଥାକେ ପୁଣି ଥରେ ଖଣ୍ଡା, ତଲୱାର ଆଦି ଅସ୍ତ୍ରଶସ୍ତ୍ର ବିଚ୍ ରାସ୍ତାରେ ଝୁଲୁଛି। ଚୋର ଡକାୟତମାନେ ଘରେ ପଶି କଳାକନା ବୁଲାଉଛନ୍ତି। ଗାଡି ଚୋରି ଓ ଗାଡି ପୋଡି ଅଭିଯୋଗ ହେଉଛି। ପୁଣି ଥରେ ବେଆଇନ ନିଶା କାରବାର ବୃଦ୍ଧି ପାଇଛି। କିଛି ଦିନର ଶାନ୍ତି ପରେ ପୁଣି ଥରେ ସହର ଅଶାନ୍ତ ହେବାକୁ ଲାଗିଛି ବୋଲି ସଙ୍ଗଠନ ସ୍ୱେଚ୍ଛାସେବୀମାନେ ଏସପିଙ୍କୁ ଅବଗତ କରି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଯୁବକମାନେ ନିଶାଗ୍ରସ୍ତ ହୋଇପଡୁଥିବାରୁ ପଡା ପଡାରେ ଭୟ ଓ ଅଶାନ୍ତି ଦେଖାଯାଉଛି। ନିଶାଖୋରଙ୍କ ଦୌରାତ୍ମ୍ୟ ଯୋଗୁ ମହିଳାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ପଡାରେ ନିଶାଖୋର ଅସାମାଜିକ ତତ୍ତ୍ୱଙ୍କ ଭିଡ ଜମୁଛି। ଏଦିଗରେ ଉଚିତ୍ ପଦକ୍ଷେପ ନେଇ ଅପରାଧୀଙ୍କୁ ସାବାଡ କରିବାକୁ ଅନୁରୋଧ କରିଥିଲେ। ବଲାଙ୍ଗୀର ଏସପିଙ୍କ ସହ ଆଲୋଚନା କରି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏସପିଙ୍କୁ ସଙ୍ଗଠନର ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ସେଠ, ସନ୍ଦୀପ ବାଗ, ଉତ୍ତମ ନନ୍ଦ, ଧନଞ୍ଜୟ ପାଣିଗ୍ରାହୀ, ସୁରେନ୍ଦ୍ର ସେଠ, ରାମ ଦାଶ, ଆଦିକାନ୍ତ କୁମ୍ଭାର, ରୂପକ ପ୍ରଧାନ, ରମେଶ ଭୋଇ, ସୁମିତ ମିଶ୍ର, ଶ୍ୱେତା ସାହୁ ଓ ଅନିତା ମିଶ୍ର ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ।

## ୪୭ କିଲୋ ଗଞ୍ଜେଇ ଜବତ: ୫ ଗିରଫ

ସୋନପୁର,୯।୬(ନି.ପ୍ର.)

ସୁବର୍ଣ୍ଣପୁର ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ସୋନପୁର-ବିନିକା ରାସ୍ତାର ସଂସାମୁରା ଓ ଫୁଲମୁଠି ଛକଠାରେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ଶୁକ୍ରବାର ଚଢାଉ ହୋଇଛି। ଚାଲାଣକାରୀମାନେ ବାଇକ୍ ଓ କାରରେ ବିଭିନ୍ ଅଞ୍ଚଳକୁ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିଲେ। ସଂସାମୁରା ଠାରେ ଚଢାଉ ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା କାନ୍ଥମାଲ ଅଞ୍ଚଳର କାହ୍ନା ମହାକୁର(୨୮)ଙ୍କୁ ଗିରଫ କରାଯାଇଛି। କାହ୍ନାଙ୍କ ନିକଟରୁ ୮ କିଲୋ ଗଞ୍ଜେଇ ଓ ବ୍ୟବହୃତ ହିରୋ ଏଚଏଫ ଡିଲକ୍ସ ମୋଟର ସାଇକେଲ (ନଂ ଓଡି୩୧ଏ-୮୫୦୧) ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୭୭/୨୦୨୩ ମୂଳେ ଏକ ମାମଲା ରୁଜୁ ହୋଇଛି। ସେହିପରି ସଂସାମୁରା ଠାରେ ଅନ୍ୟ ଏକ ଚଢାଉରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଘମଡିଆପାଲି ଅଞ୍ଚଳର ଆର୍ତ୍ତତ୍ରାଣ ସେଠୀ(୨୪)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୯ କିଲୋ ଗଞ୍ଜେଇ ଓ ବାଇକ (ନଂ ଓଡି୩୧ସି-୨୩୮୨ )ଜବତ ହୋଇଛି। ଏ ସମ୍ପର୍କରେ ୭୮/୨୦୨୩ ମୂଳେ ଏକ ମାମଲା ରୁଜୁ ହୋଇଛି।

# ଗ୍ୟାସ୍ ଗୋଦାମରୁ ଚୋରି ଘଟଣା: ୧୫ ଗ୍ୟାସ୍ ସିଲିଣ୍ଡର ଜବତ, ୩ ଗିରଫ

କୁଚିଣ୍ଡା,୯।୬(ଡି.ଏନ.ଏ.)

ସମ୍ବଲପୁର ଜିଲା ମହୁଲପାଲି ଥାନା କେଶାଇବାହାଲ ଓ ଜମନକିରା ଥାନା ଫାଶିମାଲ ଇଣ୍ଡେନ ଗ୍ୟାସ୍ ଗୋଦାମରୁ ଚୋରି ଘଟଣାରେ ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରି ୧୫ଗୋଟି ସିଲିଣ୍ଡର ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଝାରସୁଗୁଡା ଜିଲା ସଦର ଥାନା ମାଲିପଡାର ସୁବୋଧ ସାହୁ (୩୨) ଓ ବେହେରାମାଲର ପ୍ରଶାନ୍ତ ସିହ୍ନା(୨୫) ଏବଂ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ସାଉଁନ୍ତିମାଲର ସାରଥି ସେଠୀ(୩୬)। ପୋଲିସ ଏମାନଙ୍କଠାରୁ ୧୫ଗୋଟି ଗ୍ୟାସ ସିଲିଣ୍ଡର, ଏକ ବୋଲେରୋ (ନଂ.ଓଆର୨୩ଏଫ-୪୦୯୬), ଏକ ଟାଟା ମିନି ପିକ୍‌ଅପ (ନଂ.ଓଡି୨୩ଡି୬୯୯୦), ଏକ ମୋଟର ସାଇକେଲ (ନଂ.ଓଡି ୨୩ଏଚ ୭୯୩୧) ଓ ୨ଗୋଟି ମୋବାଇଲ ଫୋନ ଜବତ କରିଛି। ପୂର୍ବରୁ ଚୋରି ମାମଲା ରୁଜୁ ହୋଇଥିବା ମହୁଲପାଲି ଥାନା କେସ ନଂ.୫୨/୨୩ ଓ ଜମନକିରା ଥାନା କେସ୍ ନଂ-୫୪ ଆଧାରରେ ପୋଲିସ ଶୁକ୍ରବାର ଗିରଫ ୩ଜଣଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନେ ଏବେ ଜେଲ ହାଜତରେ ଅଛନ୍ତି। ସୂଚନାଯୋଗ୍ୟ ମହୁଲପାଲି ଥାନା କେଶାଇବାହାଲରେ ଥିବା ଇଣ୍ଡେନ ଗ୍ୟାସ୍ ଗୋଦାମ ତାଲା ଭାଙ୍ଗି ଅଭିଯୁକ୍ତମାନେ ଏପ୍ରିଲ ୧୯ ଓ ମେ ୬ରେ ଜମନକିରା ଥାନା ଫାଶିମାଲରେ ଥିବା ଇଣ୍ଡେନ ଗ୍ୟାସ ଗୋଦାମରୁ ତାଲା ଭାଙ୍ଗି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଚୋରି କରିଥିଲେ।

# 'ବାୟେନ' ନାଟକ ମଞ୍ଚସ୍ଥ

ରାଉରକେଲା ଅଫିସ,୯।୬

ସିଭିକସେଣ୍ଟରଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ(ଏନ୍‌ଏସ୍‌ଡ଼ି) ନୂଆଦିଲ୍ଲୀ ଓ ଆର୍‌ଏସ୍‌ପି ଦ୍ୱାରା ଆୟୋଜିତ ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବର ୩ୟ ସନ୍ଧ୍ୟାରେ ବାୟେନ ନାଟକ ମଞ୍ଚସ୍ଥ ହୋଇଛି। ସୁନାମଧନ୍ୟା ଔପନାସିକା ମହେଶ୍ୱତା ଦେବୀଙ୍କ ଚରିତ ଓ ଉଷା ଗାଙ୍ଗୁଲୀଙ୍କ ନିର୍ଦ୍ଦେଶିତ ନାଟକ ବାୟେନ ଅର୍ଥାତ ଡାହାଣୀ ପ୍ରଥା ଉପରେ ଆଧାରିତ। ଦେଶରେ ପ୍ରଚଳିତ ବିଭିନ୍ନ କୁସଂସ୍କାର ମଧ୍ୟରୁ ଡାହାଣୀ ସନ୍ଦେହ ଅନ୍ୟତମ। ନିମ୍ନ ବିତ୍ତ ଶ୍ରେଣୀ ତଥା ଅବହେଳିତ ଜାତିର ମହିଳାଙ୍କୁ ସମାଜରେ ଡାହାଣୀ ରୂପ ଓ ଆଖ୍ୟାଦେଇ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଥିଲା। ଉକ୍ତ ପୃଷ୍ଠଭୂମିରେ ଆଧାରିତ ନାଟକରେ ମୁଖ୍ୟ ଚରିତ୍ର ଚଣ୍ଡୀଦାସ ନାମକ ମହିଳା ପଶୁପକ୍ଷୀଙ୍କ ମୃତଶରୀରକୁ ନେଇ ପୋତି ପରିବେଶକୁ ସୁସ୍ଥ କରୁଥିବା ବେଳେ ତାକୁ ଡାହାଣୀ ଆଖ୍ୟା ଦିଆଯାଇଛି। ସମାଜର କଟୁତାର ଶୀକାର ହୋଇ ଚଣ୍ଡୀଦାସ ବହନ କରିଛି ପ୍ରତ୍ୟେକ କଷ୍ଟ ଓ ଯନ୍ତ୍ରଣା। ଏହାର ନିଖୁଣ ଅଭିନୟ ରିପ୍ରୋକ୍ଟରୀ କମ୍ପାନୀର କଳାକାରମାନେ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ମଞ୍ଚସ୍ଥ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଇଡ଼ି(ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗ) ଡ. ବିରଞ୍ଚି ହୋତା ବରେଣ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଡି ରିପ୍ରୋକ୍ଟରୀ କମ୍ପାନୀ ନିର୍ଦ୍ଦେଶକ ରାଜେଶ ସିଂ, ଉତ୍ସବର ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଆର୍‌ଏସ୍‌ପି ସିଓସି ଅର୍ଚ୍ଚନା ଶତପଥୀ ଅତିଥୀ ପରିଚୟ ପ୍ରଦାନ କରିଥିଲେ। ବିଜୟ ପାତ୍ର, ସୁରେନ୍ଦ୍ର ପାଢ଼ୀ, ପ୍ରଜ୍ଞାନନ୍ଦ ମହାନ୍ତି, ପ୍ରଳୟ ଶତପଥୀ, ଉମା ବିଷୋୟୀ, ପୁଷ୍ପା ବିଷୋୟୀ ପରିଚାଳନାରେ ସହଯୋଗ କରିଥିଲେ।

# ସାଗଜୁରୀରେ ଭୂମିକମ୍ପ

ଅମରପାଲି,୯।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତର ସାଗଜୁରୀ ଗ୍ରାମରେ ଭୂମିକମ୍ପ ଅନଭୂତ ହୋଇଥିବା ଜଣାପଡିଛି। ଭୂମିକମ୍ପ ପ୍ରଭାବରେ ପ୍ରଚଣ୍ଡ ଶବ୍ଦ ହୋଇ ଗ୍ରାମର ରାସ୍ତା ଫାଟିଯାଇଛି। ଫଳରେ ଲୋକେ ଭୟଭୀତ ହୋଇପଡିଛନ୍ତି। ପ୍ରକାଶ ଯେ, ସାଗଜୁରୀ ଗ୍ରାମରେ ଅପରାହ୍ନ ପ୍ରାୟ ୨ଟା ୨୦ ମିନିଟ ସମୟରେ ହଠାତ୍ ବହୁତ ଜୋରରେ ଶବ୍ଦ ହେବା ସହ ଗାଁ ରାସ୍ତା ଫାଟି ଯାଇଥିଲା। ଗାଁରେ ହୋଇଥିବା କଂକ୍ରିଟ ରାସ୍ତାର ପାଖାପାଖି ୫୦ ମିଟର ପର୍ଯ୍ୟନ୍ତ ଫାଟ ହୋଇଛି। ଶବ୍ଦ ସହ କମ୍ପନ ମଧ୍ୟ ହୋଇଥିଲା । ଯାହା ଫଳରେ ଅଧିକାଂଶ ଘରର କଂସା ବାସନ ହଲି ଶବ୍ଦ ହେବା ସହ ପଡି ଯାଇଥିବା ଗାଁ ଲୋକେ କହିଛନ୍ତି। ସେହିଭଳି ଗାଁର ସଞ୍ଜୀବ ସେଠୀଙ୍କ ଘର କାନ୍ଥରେ ଫାଟ ହୋଇଥିବା ଜଣାପଡିଛି। ଘରେ ଥିବା ଚୌକି ,ଟେବୁଲ, ଖଟ ହଲିଥିବା ଲୋକେ ପ୍ରକାଶ କରିଛନ୍ତି। ଭୂମିକମ୍ପ ହେବା ବେଳେ ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିବା ଦେଖିବାକୁ ମିଳିଥିଲା। ତେବେ କାହିଁକି ଏଭଳି ହେଲା ତାହା ଜଣାପଡିନାହିଁ। ଘଟଣା ପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

# ମୁକ୍ତା ଯୋଜନାର ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ।

ବୌଦ୍ଧ,୯।୬(ସ୍ୱ.ପ୍ର.)

ବୌଦ୍ଧଗଡ ଏନଏସିର ବିକାଶ ନେଇ ଆଭାସି ଜରିଆରେ ୫ ଟି ସଚିବ ଭି.କେ. ପାଣ୍ଡିଆନ ମୁକ୍ତା ଯୋଜନାର ସମୀକ୍ଷା କରିବା ସହିତ ୨.୫୨ କୋଟି ଟଙ୍କା ଅନୁଦାନରେ ପ୍ରସ୍ତାବିତ ୩୬ ଗୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲଠାରେ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧଗଡ ଏନଏସିର ବିକାଶ ନେଇ ଆଲୋଚନା କରାଯାଇଥିଲା। ଆଭାସି ଜରିଆରେ ୫ ଟି ସଚିବ ପାଣ୍ଡିଆନ ଏହି ବୈଠକରେ ଯୋଗଦେଇ ବୌଦ୍ଧ ଏନଏସି ଅଧୀନରେ ମୁକ୍ତା ଯୋଜନାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସଂପର୍କରେ ପଚାରି ବୁଝିଥିଲେ । ଏଥିସହିତ ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଯୋଜନାରେ ସାମିଲ କରାଯାଇ ପ୍ରୋତ୍ସାହନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏନଏସି ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ଓ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ କରିବାକୁ ପାଣ୍ଡିଆନ ବୈଠକରେ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ମେହେର ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



